# NATIONAL NEWS BULLETIN (ODIA)

**29 October - 2025**

**Morning Bulletin : 7.15 a.m.**

******************************

## ମୁଖ୍ୟ ସମ୍ବାଦ

- ମୁମ୍ବାଇରେ ଚାଲିଥିବା ସାମୁଦ୍ରିକ ନେତୃତ୍ୱ ସମ୍ମିଳନୀକୁ ଆଜି ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- ଘୂର୍ଣ୍ଣିଝଡ଼ ମୋନ୍ଥା ଗତ ସନ୍ଧ୍ୟାରେ ନରସାପୁର ନିକଟରେ ସ୍ପର୍ଶ କରିଛି ସ୍ଥଳଭାଗ ।

– ଘୂର୍ଣ୍ଣିଝଡ଼ର ପ୍ରଭାବ ଓଡ଼ିଶାରେ ବିଶେଷ ପରିଲକ୍ଷିତ ହୋଇନାହିଁ, କହିଲେ ମୁଖ୍ୟମନ୍ତ୍ରୀ ।

- ନୂଆଦିଲ୍ଲୀରେ ବାଣିଜ୍ୟିକ କୋଇଲାଖଣି ନିଲାମର ୧୪ତମ ପର୍ଯ୍ୟାୟର ଶୁଭାରମ୍ଭ କରିବେ କୋଇଲା ଓ ଖଣି ମନ୍ତ୍ରୀ ।
- କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଅନୁବାଦ ବ୍ୟବସ୍ଥା ହିନ୍ଦୀ ବିଷୟବସ୍ତୁର ପ୍ରସାର ଓ ପ୍ରଚାରକୁ ବୃଦ୍ଧି କରିଛି, କହିଲେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ।

ଏବଂ

- ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଜିଠାରୁ ଆରମ୍ଭ ହେଉଛି ପୁରୁଷବର୍ଗ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍ ।

# ପିଏମ୍-ମୁମ୍ବାଇ ଭିଜିଟ୍

ମୁମ୍ବାଇରେ ଚାଲିଥିବା ସାମୁଦ୍ରିକ ନେତୃତ୍ୱ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସମ୍ବୋଧନ କରିବେ । ଶ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ ସମ୍ମିଳନୀର ବିଶ୍ୱ ସାମୁଦ୍ରିକ ମୁଖ୍ୟ କାର୍ଯ୍ୟ ନିର୍ବାହୀମାନଙ୍କ ବୈଠକ ଅନୁଷ୍ଠିତ ହେବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସାମୁଦ୍ରିକ କ୍ଷେତ୍ରରେ ସହଯୋଗ ଏବଂ ଭାରତର ଏ କ୍ଷେତ୍ରରେ ସଂସ୍କାରକୁ ଗତିଶୀଳ କରିବା ଲାଗି ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ।

ଗଣମାଧ୍ୟମକୁ ସମ୍ବୋଧନ କରି ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଗତ ୧୧ ବର୍ଷ ମଧ୍ୟରେ ଦେଶର ବନ୍ଦର କ୍ଷମତା ପ୍ରାୟ ଦ୍ୱିଗୁଣିତ ହୋଇଛି । ସାମୁଦ୍ରିକ କ୍ଷେତ୍ରରେ ସରକାରଙ୍କ ପ୍ରତିବଦ୍ଧତା ଏବଂ ଦେଶର ପରିବର୍ତ୍ତନକୁ ଏହା ପ୍ରତିଫଳିତ କରୁଛି ।

ସମ୍ମିଳନୀର ଦ୍ୱିତୀୟ ଦିନରେ ସାମୁଦ୍ରିକ ସୁରକ୍ଷା, ଆଭ୍ୟନ୍ତରୀଣ ସୁରକ୍ଷା, ବାଣିଜ୍ୟ କାରବାର ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ବ୍ୟାପକ ଆଲୋଚନା ହୋଇଛି । କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟ ସମେତ ସୁଇଡେନ୍ ଓ ନରୱେ ଆଲୋଚନାର କେନ୍ଦ୍ରବିନ୍ଦୁ ରହିଥିଲେ । ଜାହାଜ ଚଳାଚଳ କ୍ଷେତ୍ରରେ ସାମୁଦ୍ରିକ ଶିକ୍ଷା, ନବସୃଜନ ଅଭିବୃଦ୍ଧି ଆଧାରିତ ପ୍ରମୁଖ ପଦକ୍ଷେପ ଗୁଡ଼ିକୁ ନେଇ ଜାହାଜ ଚଳାଚଳ ନିର୍ଦ୍ଦେଶାଳୟର ଏକ ପ୍ରଦର୍ଶନୀ ମଣ୍ଡପ ଗତକାଲି ଉଦଘାଟିତ ହୋଇଛି । ସାମୁଦ୍ରିକ କ୍ଷେତ୍ରରେ ବିକାଶକୁ

ଦୃଷ୍ଟିରେ ରଖି କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି । ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ୧ ଲକ୍ଷ ୬ ହଜାର ୩୦୦ କୋଟି ଟଙ୍କା ମୂଲ୍ୟର ୬ଟି ପ୍ରମୁଖ ଚୁକ୍ତି ସ୍ୱାକ୍ଷର କରିଛି । ବନ୍ଦର ଭିତ୍ତିଭୂମି ବିକାଶ ଏବଂ ସବୁଜ ହାଇଡ୍ରୋଜେନ୍ ପ୍ରକଳ୍ପକୁ ଗତିଶୀଳ କରିବାରେ ଏହା ସହାୟକ ହେବ । ୮୫ରୁ ଅଧିକ ଦେଶର ପ୍ରତିନିଧିଙ୍କୁ ମିଶାଇ ପ୍ରାୟ ୧ ଲକ୍ଷରୁ ଅଧିକ ପ୍ରତିନିଧି ଏବଂ ୩୫୦ରୁ ଅଧିକ ଆନ୍ତର୍ଜାତିକ ବକ୍ତା ଏଥିରେ ଯୋଗଦେଇଛନ୍ତି ।

## ପ୍ରେଜ୍-ଅମ୍ବାଲା ରାଫେଲ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ହରିଆଣାର ଅମ୍ବାଲା ଗସ୍ତ କରିବେ । ସେଠାରେ ରାଫେଲ୍ ବିମାନରେ ଉଡ଼ାଣ କରିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏହା ପୂର୍ବରୁ ୨୦୨୩ ଏପ୍ରିଲ୍‌ରେ ଆସାମର ତେଜପୁର ବାୟୁସେନା ଘାଟିରେ ରାଷ୍ଟ୍ରପତି ସୁଖୋଇ-୩୦ ଏମ୍.କେ.ଆଇ. ଲଢୁଆ ବିମାନରେ ଉଡ଼ାଣ କରିଥିଲେ ।

## ସାଇକ୍ଲୋନ୍ ମୋନ୍ଥା

ଘୂର୍ଣ୍ଣିଝଡ଼ ମୋନ୍ଥା ଗତ ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶର ନରସାପୁର ନିକଟରେ ସ୍ଥଳଭାଗ ସ୍ପର୍ଶ କରିଥିଲା । ଭାରତୀୟ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ବାତ୍ୟାର ପ୍ରଭାବରେ ମଛଲିପଟନମ୍ ଏବଂ କଳିଙ୍ଗପଟନମ୍ ମଧ୍ୟରେ ୯୦ରୁ ୧୦୦ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହୋଇଛି । ଆନ୍ଧ୍ରପ୍ରଦେଶ ଏବଂ ୟାନମ୍‌ର କେତେକ ସ୍ଥାନରେ ଆଜି ପ୍ରବଳରୁ

ଅତି ପ୍ରବଳ ବର୍ଷା ହେବାର ଆକଳନ କରାଯାଇଛି । ନେଲୋର ଜିଲ୍ଲାରେ ଗତକାଲି ସର୍ବାଧିକ ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି । ଆନ୍ଧ୍ରପ୍ରଦେଶର ୪୩ ହଜାର ହେକ୍ଟର ଫସଲ ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଅନୁମାନ କରାଯାଇଛି ।

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟରେ ମୋନ୍ଥାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନାହିଁ । ସରକାରୀ ସ୍ତରରେ ସତର୍କ ମୂଳକ ପଦକ୍ଷେପ ବଳବତ୍ତର ରହିଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ନିୟନ୍ତ୍ରଣ କକ୍ଷରେ ଘୂର୍ଣ୍ଣିଝଡ଼ ସ୍ଥଳଭାଗ ସ୍ପର୍ଶ କରିବାର ପରବର୍ତ୍ତି ପରିସ୍ଥିତି ନେଇ ସମୀକ୍ଷା କରିବା ପରେ ଶ୍ରୀ ମାଝୀ କହିଛନ୍ତି, କେତେକ ଅଞ୍ଚଳରେ ସାମାନ୍ୟ ଭୂସ୍ଖଳନ ଏବଂ ଗଛ ଉପୁଡ଼ିଥିବାର ଖବର ହସ୍ତଗତ ହୋଇଛି । ଏନ୍.ଡି.ଆର୍.ଏଫ୍. ପକ୍ଷରୁ ଆନ୍ଧ୍ରପ୍ରଦେଶରେ ୧୨ଟି, ଓଡ଼ିଶାରେ ୬ଟି ଏବଂ ଉତ୍ତର ତାମିଲନାଡୁରେ ୩ଟି ଦଳକୁ ମୁତୟନ କରାଯାଇଛି ।

## ପିଏମ୍-କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର କୃଷକଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଚଳିତ ବର୍ଷ ରବି ଋତୁ ପାଇଁ ଫସ୍‌ଫରସ୍ ଏବଂ ପଟାସ୍ ସାର ଉପରେ କେନ୍ଦ୍ର କ୍ୟାବିନେଟ୍ ସବ୍‌ସିଡି ମଞ୍ଜୁର କରି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଖାଦ୍ୟ ଯୋଗାଣକାରୀଙ୍କୁ ସୁଲଭ ମୂଲ୍ୟରେ ସାର ଉପଲବ୍ଧ କରିବା ସହ ସେମାନଙ୍କର ଆୟ ବୃଦ୍ଧି କରିବାରେ ଏହା ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ସୂଚନା ଯୋଗ୍ୟ ଗତକାଲି କେନ୍ଦ୍ର କ୍ୟାବିନେଟ୍ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ୍‌ଙ୍କ କାର୍ଯ୍ୟ ସର୍ତ୍ତାବଳୀ ଏବଂ ଚଳିତ ବର୍ଷର ରବି ଋତୁ ପାଇଁ ଫସ୍‌ଫେଟ୍ ଓ ପଟାସ୍ ସାର ଉପରେ ପୋଷକତତ୍ତ୍ୱ ଆଧାରିତ ସବ୍‌ସିଡି ପ୍ରଦାନକୁ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି ।

## କୋଲ ଅକସନ୍

ନୂଆଦିଲ୍ଲୀରେ ଆଜି ବାଣିଜ୍ୟିକ କୋଇଲା ଖଣି ନିଲାମର ୧୪ତମ ପର୍ଯ୍ୟାୟକୁ କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ଆରମ୍ଭ କରିବେ । କୋଇଲା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ବ୍ୟବସାୟର ସହଜତାକୁ ପ୍ରୋତ୍ସାହନ ପ୍ରଦାନ, ନିବେଶ ଏବଂ ଶିଳ୍ପ ଗୋଷ୍ଠୀଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଏହି ନିଲାମ ପ୍ରକ୍ରିୟା ଆରମ୍ଭ କରାଯାଉଛି । ପ୍ରଥମଥର ପାଇଁ ନିଲାମଢାଞ୍ଚାରେ ଭୂତଳ କୋଇଲା ଗ୍ୟାସିଫିକେସନ୍ ବ୍ୟବସ୍ଥାର ପ୍ରଚଳନ କରାଯାଇଛି । ଦେଶରେ ଗଭୀର କୋଇଲା ଭଣ୍ଡାର ସମ୍ପତ୍ତିଗୁଡ଼ିକୁ ଉପଯୋଗ କରିବାରେ ଏହି ବ୍ୟବସ୍ଥା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । ନିଲାମ ଅବସରରେ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଦୁଇଟି ପରିବର୍ତ୍ତନକାରୀ ଡିଜିଟାଲ୍ ପ୍ଲାଟ୍‌ଫର୍ମ, ଜମି ଅଧିଗ୍ରହଣ ପରିଚାଳନା ଏବଂ ଦେୟ ଆଧାରିତ ପୋର୍ଟାଲ୍ ଏବଂ କୋଇଲା ଶକ୍ତି ଡ୍ୟାସ୍‌ବୋର୍ଡ୍‌ର ପ୍ରଚଳନ କରାଯିବ ।

# ଜିତେନ୍ଦ୍ର-ଏଆଇ ହିନ୍ଦୀ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଅନୁବାଦ ବ୍ୟବସ୍ଥା ହିନ୍ଦୀ ବିଷୟବସ୍ତୁର ପ୍ରସାର ଏବଂ ପ୍ରଚାରକୁ ବୃଦ୍ଧି କରିଛି । ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ମନ୍ତ୍ରଣାଳୟର ହିନ୍ଦୀ ପରାମର୍ଶଦାତା କମିଟିର ପ୍ରଥମ ବୈଠକରେ ଯୋଗଦେଇ ଡକ୍ଟର ସିଂହ ଏହା କହିଛନ୍ତି । ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗରେ ହିନ୍ଦୀ ଭାଷାର ବ୍ୟବହାର ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦେଶର ସାଂସ୍କୃତିକ ପରିଚୟରେ ହିନ୍ଦୀଭାଷା ବହୁ କ୍ଷେତ୍ରରେ ଗ୍ରହଣୀୟ ଏକ ପ୍ରତୀକ ବୋଲି ସେ ବର୍ଣ୍ଣନା କରିଛନ୍ତି ।  ସବୁ ମନ୍ତ୍ରଣାଳୟର ୱେବ୍‌ସାଇଟ୍ ହିନ୍ଦୀରେ ଉପଲବ୍ଧ ହେବା ଉଚିତ୍ ବୋଲି ସେ କହିଛନ୍ତି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କର୍ମଚାରୀଙ୍କ ପାଇଁ ହିନ୍ଦୀ ଭାଷା ଆଧାରିତ ଉପକରଣ ଏବଂ ଅନ୍ୟାନ୍ୟ ଆବଶ୍ୟକତା ଯୋଗାଇ ଦେଉଛି । ଏହାଦ୍ୱାରା ବିଜ୍ଞାନ ଆଧାରିତ ଯୋଗାଯୋଗରେ ହିନ୍ଦୀ ଭାଷାର ଉପଯୋଗ ଅଧିକ ସୁଦୃଢ଼ ହେଉଛି ବୋଲି ଡକ୍ଟର ସିଂହ ମତବ୍ୟକ୍ତ କରିଛନ୍ତି ।

# ସର୍ଦ୍ଦାର ପଟେଲ୍ ଲେକ୍‌ଚର୍

ନୂଆଦିଲ୍ଲୀରେ ଆଜି ସନ୍ଧ୍ୟାରେ ଶ୍ରମ ନିଯୁକ୍ତି, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଚଳିତ ବର୍ଷର ସର୍ଦ୍ଦାର ପଟେଲ୍ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ । ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଦେଶର ପ୍ରଥମ ସୂଚନା ଓ ପ୍ରସାରଣ ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତି ସମ୍ମାନ ସ୍ୱରୂପ ଆକାଶବାଣୀ ପକ୍ଷରୁ ବାର୍ଷିକ ସର୍ଦ୍ଦାର ପଟେଲ୍

ସ୍ମାରକୀ ବକ୍ତୃତା ପ୍ରଦାନର ଆୟୋଜନ କରାଯାଇଥାଏ । ପୂର୍ବରୁ ବହୁ ବିଶିଷ୍ଟ ନେତା, ବୈଜ୍ଞାନିକ ଏବଂ ଐତିହାସିକ ଏହି ବକ୍ତୃତା ପ୍ରଦାନ କରିଛନ୍ତି । ୧୯୫୫ ମସିହାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସି. ରାଜଗୋପାଳଚାରୀ ପ୍ରଥମ ବକ୍ତୃତା ପ୍ରଦାନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ଜାକିର ହୁସେନ, ମୋରାରଜି ଦେଶାଇ, ଡକ୍ଟର. ଏମ୍.ଏସ୍. ସ୍ୱାମୀନାଥନ, ଡକ୍ଟର କରଣ ସିଂହ, ବସନ୍ତ ସାଠେ, ଡକ୍ଟର କେ. କସ୍ତୁରୀ ରଙ୍ଗନ, ଜଷ୍ଟିସ୍ ଲିଲା ସେଠ, ଡକ୍ଟର ଏ.ପି.ଜେ. ଅବଦୁଲ କାଲାମ, ଏମ୍.ଜି.କେ. ମେନନ୍, ଜେ.ଏନ୍. ଦୀକ୍ଷିତ, ଅରୁଣ ଜେଟଲୀ, ଅଜିତ ଡୋଭାଲ, ଡକ୍ଟର ଏସ୍. ଜୟଶଙ୍କର, ଡକ୍ଟର ଏସ୍. ସୋମନାଥ ପ୍ରମୁଖ ବକ୍ତୃତା ପ୍ରଦାନ କରିସାରିଛନ୍ତି ।

ଆସନ୍ତା ୩୧ ତାରିଖ ସର୍ଦ୍ଦାର ପଟେଲଙ୍କ ଜନ୍ମ ବାର୍ଷିକୀ ଅବସରରେ ଏହି ବକ୍ତୃତା ଆକାଶବାଣୀର ସମସ୍ତ ନେଟ୍‌ୱର୍କରେ ପ୍ରସାରଣ କରାଯିବ ।

## ଜିଏସ୍‌ଟି ରିଫର୍ମସ୍-ଟୁରିଜିମ୍ ସେକ୍ଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତମାସ ୨୨ ତାରିଖରୁ ଘୋଷଣା କରିଥିବା ଜି.ଏସ୍.ଟି. ସଞ୍ଚୟ ଉତ୍ସବ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସୁଫଳ ପ୍ରଦାନ କରିଛି । ପରବର୍ତ୍ତି ପିଢ଼ି ଜି.ଏସ୍.ଟି. ସଂସ୍କାର ଟିକସ ବୋଝକୁ ହ୍ରାସ କରିବା ସହ ପର୍ଯ୍ୟଟନ, ବାସସ୍ଥାନ ଏବଂ ସାଂସ୍କୃତିକ ଅଭିଜ୍ଞତାକୁ ଅଧିକ ସୁଲଭ କରିପାରିଛି । ଦୈନିକ ୭ ହଜାର ୫୦୦ ଟଙ୍କାରୁ କମ୍ ମୂଲ୍ୟର ହୋଟେଲ ରହଣି ଉପରେ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ଅଧିକ ତ୍ୱରାନ୍ୱିତ ହୋଇଛି । ହୋଟେଲ ଏବଂ ହୋମ୍‌ଷ୍ଟେରେ ନିବେଶକୁ ପ୍ରୋତ୍ସାହନ ମିଳିଥିବା ବେଳେ

ନିଯୁକ୍ତି କ୍ଷେତ୍ର ବ୍ୟାପକ ତଥା ଭିତ୍ତିଭୂମି ବିକାଶ ଉନ୍ନତ ହୋଇପାରିଛି । ୧୦ରୁ ଅଧିକ ଲୋକଙ୍କ ବସିବା କ୍ଷମତା ଥିବା ବସ୍ ଉପରେ ଜି.ଏସ୍.ଟି. ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଥିବାରୁ ପରିବହନ ଖର୍ଚ୍ଚ ମଧ୍ୟ ହ୍ରାସ ପାଇଛି । ଜି.ଏସ୍.ଟି. ସଂସ୍କାର ଯାନବାହନ ମୂଲ୍ୟ ହ୍ରାସ କରିଛି ।

## କ୍ରିକେଟ୍-ଇଣ୍ଡିଆ-ଅଷ୍ଟ୍ରେଲିଆ

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଆଜିଠାରୁ ପାଞ୍ଚ ଟିକିଆ ଟି-ଟ୍ୱେଣ୍ଟି ପୁରୁଷ ବର୍ଗ କ୍ରିକେଟ୍ ସିରିଜ୍ ଆରମ୍ଭ ହେଉଛି । କାନ୍‌ବେରାର ମନୁକା ଓଭାଲ ଠାରେ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ଅପରାହ୍ଣ ଗୋଟାଏ ୪୫ରେ ମ୍ୟାଚ୍ ଆରମ୍ଭ ହେବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ସିରିଜ୍ ଖେଳିବ । ନିକଟରେ ଅନୁଷ୍ଠିତ ଦିନିକିଆ କ୍ରିକେଟ୍ ସିରିଜ୍‌ରେ ଅଷ୍ଟ୍ରେଲିଆ ୨-୧ରେ ବିଜୟୀ ହୋଇଥିଲା । ବିଶ୍ୱ ଟି-ଟ୍ୱେଣ୍ଟି ଦଳଗତ ମାନ୍ୟତାରେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ରହିଥିବା ଦୁଇଟି ଯାକ ଦଳ ଏହି ସିରିଜ୍‌କୁ ଆସନ୍ତା ବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଭାବେ ଗ୍ରହଣ କରାଯାଇଛି । ଗତ ବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାର ସୁପର୍-୮ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହୋଇଥିଲା ।

# କ୍ରିକେଟ୍-ମହିଳା

ଆଇ.ସି.ସି. ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଆଜିଠାରୁ ଆରମ୍ଭ ହେଉଛି । ପ୍ରଥମ ମ୍ୟାଚ୍‌ରେ ଆଜି ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ । ଗୌହାଟୀର ବର୍ଷାପାରା ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ । ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଇଂଲଣ୍ଡ ଦକ୍ଷିଣ ଆଫ୍ରିକାକୁ ୧୦ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା । ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲ୍ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ ।